Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
| --- | --- | --- | --- | --- | --- | --- | --- | --- |

ରାଜକୋଟ ଦିନିକିଆରେ ଶ୍ରୀଲଙ୍କାର ସ୍କୋର: ୧୯୬ ଅଲ୍ ଆଉଟ୍, ଗିରଫ କାଶ୍ମୀର ଆତଙ୍କବାଦୀ ଦିଲ୍ଲୀ ପାହାଡ଼ଗଞ୍ଜ

ତାରିଖ : ୧୧/୯/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
| --- | --- | --- |
| ଭୁବନେଶ୍ୱର | ୧୯.୨ | ୨୬.୫ |
| କଟକ | ୧୮.୩ | ୨୭.୩ |
| ବାଲେଶ୍ୱର | ୧୯.୨ | ୨୬.୫ |
| ଗୋପାଳପୁର | ୨୧.୦ | ୨୮.୦ |
| ଝାରସୁଗୁଡ଼ା | ୧୪.୦ | ୨୮.୮ |

ବିତର୍କ/ମତାମତ ସଂଗ୍ରହ

ଭାରତୀୟ ଦଳ ମନୋନୟନରେ ଚାପେଲ୍ଙ୍କ 'ରୋଟେସନ' ପଦ୍ଧତି ଏକ ଉଚିତ୍ ପଦକ୍ଷେପ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ସରକାର ଚୁପ୍ ରହିଲେ, ମାନ ରଖିଲେ ଅଦାଲତ, ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରରୁ ସ୍ଥାନାନ୍ତର ହୋଇପାରିବ ନାହିଁ: ହାଇକୋର୍ଟ

କଟକ,(ଇମିସ): ଯେଉଁ ପ୍ରସଙ୍ଗର୍ରେ ରାଜ୍ୟ ସରକାର ଚୁପ୍ ରହିଲେ, ସେହି ପ୍ରସଙ୍ଗରେ ଅଦାଲତ ଓଡିଶାର ସମ୍ମାନ ରଖିଲେ। ଓଡ଼ିଶା ହାଇକୋର୍ଟ ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଭୁବନେଶ୍ୱରଠାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ)ର ସ୍ଥାନାନ୍ତର ଉପରେ ମଧ୍ୟବର୍ତୀକାଳୀନ ରହିତାଦେଶ ଜାରି କରିବା ପରେ ସବୁ ମହଲରେ ଏହି ମତପ୍ରକାଶ ପାଇଛି।

ଗତକାଲି ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ବର୍ମନରାୟ ଓ ମାନ୍ୟବର ବିଚାରପତି ଏମ୍.ଏମ୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଜନସ୍ୱାର୍ଥ ମାମଲାଟିର ଶୁଣାଣି କରି ପ୍ରସ୍ତାବିତ ପ୍ରତିଷ୍ଠାନ ଭୁବନେଶ୍ୱରରୁ ଅନ୍ୟତ୍ର ପୂର୍ବାଞ୍ଚଳର କୌଣସି ସ୍ଥାନକୁ ଉଠିଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ପ୍ରସ୍ତାବିତ ଏହି ମର୍ଯ୍ୟାଦାସଂପନ୍ନ ଅନୁଷ୍ଠାନକୁ ଭୁବନେଶ୍ୱରରୁ କଲିକତାକୁ ସ୍ଥାନାନ୍ତର କରିନେବାକୁ କେନ୍ଦ୍ର ସରକାର ମନମୁଖି ନିଷ୍ପତ୍ତି ନେଇଥିବା ଦର୍ଶାଇ ରାଜ୍ୟ ଜନ ସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସ ଏକ ରିଟ୍ ପିଟିସନ୍ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ, ବାଙ୍ଗାଲୋରସ୍ଥିତ ଆଇଆଇଏସ୍ ତାଞ୍ଚାରେ ଭୁବନେଶ୍ୱର, ପୁନେ, ଆହ୍ଲାବାଦ ଓ ଚେନ୍ନାଇଠାରେ ୪ଟି ସ୍ଥାନରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରିବାକୁ ପୂର୍ବରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ନିଷ୍ପତ୍ତି ନେଇଥିଲେ। ତେବେ ଆସନ୍ତାବର୍ଷ ପ୍ରଥମାର୍ଧରେ ପଶ୍ଚିମବଙ୍ଗରେ ହେବାକୁଥିବା ସାଧାରଣ ନିର୍ବାଚନକୁ ଆଖିରେ ରଖି ବାମପନ୍ଥୀ ଦଳଙ୍କ ଚାପରେ କେନ୍ଦ୍ରର ଉପା ସରକାର ପ୍ରତିଷ୍ଠାନକୁ କଲିକତାକୁ ଉଠାଇନେବାକୁ ଚକ୍ରାନ୍ତ କରୁଛନ୍ତି। ଓଡ଼ିଶାର ମେଧାବୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ଏହି ଅନୁଷ୍ଠାନ ଦିଗଦର୍ଶନ ଦେଇ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଉଚ୍ଚତର ଗବେଷଣାର ଭିତ୍ତିଭୂମି ସୃଷ୍ଟି କରିବାର ସମ୍ଭାବନା ଥିବାବେଳେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ରାଜ୍ୟର ଛାତ୍ରସମାଜକୁ ପ୍ରତାରିତ କରିଛି। ପ୍ରାରମ୍ଭିକ ଭାବେ ୨୫ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ହୋଇ ପରବର୍ତୀ ପର୍ଯ୍ୟାୟରେ ଆହୁରି ୭୫ କୋଟି ଟଙ୍କାର ବ୍ୟୟବରାଦ ଥିବା ଏହି 'ପ୍ରାଇଜ-ପ୍ରକଳ୍ପ'ଟି ଓଡ଼ିଶାରୁ ସ୍ଥାନାନ୍ତର ହେବା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଆବେଦନରେ ଦର୍ଶାଯାଇଥିଲା। ରାଜ୍ୟବାସୀ ଏହି ପ୍ରକଳ୍ପର ସମ୍ଭାବନାକୁ ନେଇ ଗର୍ବ କରୁଥିବାବେଳେ କେନ୍ଦ୍ର ସରକାରଙ୍କ ଏପରି ପ୍ରତାରଣା ଓଡ଼ିଶା ପ୍ରତି ବୈମାତୃକ



ଭୁବନେଶ୍ୱରରେ ଚନ୍ଦ୍ରବାବୁ ନାଇଡ଼ୁଙ୍କ ସହ ହର୍ଷ ଭୋଗ୍‌ଲେ।

ଅନ୍ୟାନ୍ୟ ଖବର

- ଧାନବିଲରୁ ମହିଳାଙ୍କ ଶବ ଉଦ୍ଧାର
- ଷ୍ଟେଟ୍ ବ୍ୟାଙ୍କ ଅଫିସରଙ୍କ ଧାରଣା ଡିସେମ୍ବର ୧୫ରେ
- ବୁର୍ଲାରେ ପୂର୍ବାଞ୍ଚଳ ଚକ୍ଷୁ ବିଶେଷଜ୍ଞ ସମ୍ମିଳନୀ
- ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ: ଆକାଉଣ୍ଟ୍ ଅଡିଟ୍ ପାଇଁ ହାଇକୋର୍ଟଙ୍କ ନିର୍ଦେଶ
- 'ଓମ୍ପଟବା ଆୱାର୍ଡ' ୨୦ରେ
- ଖାଦ୍ୟ ଓ ନ୍ୟାୟ ସୁରକ୍ଷା ଦାବିରେ ଜନ ଜାଗରଣ ଯାତ୍ରା
- ଦୁଇଟି ପଞ୍ଚାୟତକୁ ପ୍ରଶାସନର ଅବହେଳା, ଲୋକ ପ୍ରତିନିଧିଙ୍କ ସମୂହ ଇସ୍ତଫା ଧମକ
- ବଲାଙ୍ଗୀର ଲୋକଉତ୍ସବର ଦ୍ୱିତୀୟ ଦିବସ
- ବୈପାରିଗୁଡା: ବୃଦ୍ଧଙ୍କୁ ହତ୍ୟା
- ରଂଜିତା ଆତ୍ମହତ୍ୟା ମାମଲାର ଭିନ୍ନ ମୋଡ଼, ଶ୍ୱଶୁରଙ୍କ ଏତଲା କ୍ରମେ ଜ୍ୱାଇଁ ଗିରଫ
- ୧୫୯ଟି ସ୍କୁଲରେ ଜଣେ, ୯୭୬ଟିରେ ଦୁଇ ଜଣ ଶିକ୍ଷକ
- କାହା ସେବାରେ ବ୍ୟାସନଗର ବିୟୁଟି ପାର୍ଲର?
- ସେହି ସାହସୀ ବୀଣା
- ସ୍ତ୍ରୀ ଓ ପ୍ରସୂତି ବିଭାଗ ଚିକିତ୍ସକଙ୍କ ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ
- ସେସ୍କୋର ମେରିରାୟ ନୀତି, ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର
- 'ବେଦବ୍ୟାସ ସଂଗୀତ ନୃତ୍ୟୋତ୍ସବ' ଉଦ୍‌ଯାପିତ
- ପୁଣି କେବିସିରେ ଭାଗ ନେଇ ୨ କୋଟି ଜିତିବା ରାଧାରାଣୀଙ୍କ ଲକ୍ଷ୍ୟ

ମନୋଭାବର ପରିଚାୟକ ବୋଲି ଦର୍ଶାଯାଇ ଆବେଦନରେ ପ୍ରକଳ୍ପର ସ୍ଥାନାନ୍ତର ବନ୍ଦ କରିବା ଦିଗରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା ।

ମାନ୍ୟବର ହାଇକୋର୍ଟ ଗତ ମାସରେ ମାମଲାଟିର ଶୁଣାଣି କରି ପୂର୍ବବର୍ତ୍ତୀ ଏନ୍‌ଡିଏ ସରକାରଙ୍କ ନିଷ୍ପତ୍ତି ଓ ଏବର ଉପା ସରକାରଙ୍କ ପରିବର୍ତ୍ତିତ ନିଷ୍ପତ୍ତି ଅଦାଲତରେ ଉପସ୍ଥାପନ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ । ନିର୍ଦ୍ଦେଶାନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୩ ତାରିଖରେ ଅଦାଲତରେ ଜବାବ ଦାଖଲ କରାଯାଇ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ (ୟୁଜିସି) ବିଧିବଦ୍ଧ ଭାବେ ଅନୁମତି ଦେବା ପରେ ସରକାର ଏ ଦିଗରେ ଆଗେଇଛନ୍ତି ବୋଲି କୁହାଯାଇଥିଲା । ୟୁଜିସିଠାରୁ ଅନୁମତି ମିଳିବା ପରେ ଭୁବନେଶ୍ୱରର ବାଣୀବିହାରଠାରେ ପୂର୍ବାଞ୍ଚଳର ଏହି ମର୍ଯ୍ୟାଦାସଂପନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ୭୫ ଏକର ପରିମିତ ଜମି ଚିହ୍ନଟ କରିଥିବା ଏବଂ ଜମି ଦଖଲ ପାଇଁ ସମ୍ମତି ପ୍ରକାଶ କରିସାରିଥିବା କଥା ଅଦାଲତରେ ଦର୍ଶାଯାଇଥିଲା । ମାନ୍ୟବର ଖଣ୍ଡପୀଠ ଗତକାଲି ସ୍ଥାନାନ୍ତର ଉପରେ ଅନ୍ତର୍ବୀଣ ରହିତାଦେଶ ଜାରି କରି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପୂର୍ବରୁ ଅନୁମତି ଦେଇଥିବା ୟୁଜିସିକୁ ସ୍ଥାନାନ୍ତର ସଂପର୍କରେ କାରଣ ଦର୍ଶାଇବାକୁ ନୋଟିସ୍ ମଧ୍ୟ ଜାରି କରିଛନ୍ତି । ମାସକ ପରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ଧାର୍ଯ୍ୟ ହୋଇଛି । ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୩୦ ତାରିଖରେ ପ୍ରଧାନମନ୍ତ୍ରୀ କଲିକତାଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ଶିଳାନ୍ୟାସ କରିବେ ବୋଲି ପ୍ରଚାରିତ ହେବା ପରେ ଭୁବନେଶ୍ୱରରେ ପ୍ରସ୍ତାବିତ ପ୍ରତିଷ୍ଠାନ କଲିକତାକୁ ଉଠିଗଲାଣି ବୋଲି ଓଡ଼ିଶା ବ୍ୟାପୀ ଉଦବେଗ ପ୍ରକାଶ ପାଇଥିଲା । ଶେଷ ମୁହୂର୍ତ୍ତରେ କଲିକତାର ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମ ବାତିଲ୍ ହୋଇଯାଇଥିଲେ ହେଁ ଭୁବନେଶ୍ୱରରେ ଭବିଷ୍ୟତରେ କେବେ ଆଉ ଏହି ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇପାରିବ କି ନାହିଁ ସେଥିନେଇ ସବୁ ମହଲରେ ସନ୍ଦେହ ଉପୁଜିଥିଲା । ପ୍ରତିଷ୍ଠାନ ସ୍ଥାନାନ୍ତର ନିଷ୍ପତ୍ତିକୁ ରଦ୍ଦ କରି ଭୁବନେଶ୍ୱରରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଶେଷ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଏହି ଜନସ୍ୱାର୍ଥ ମାମଲା ଜରିଆରେ ମାନ୍ୟବର ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି । ମାମଲାରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗର ସଚିବ/ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଥିବାବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମଧୁସୂଦନ ପଣ୍ଡା ମୋକଦ୍ଦମା ପରିଚାଳନା କରୁଛନ୍ତି ।

ପୂର୍ବପୃଷ୍ଠା


- ରାଉରକେଲା ସହରର ୪ ବଡ଼ ହୋଟେଲ୍ ଉପରେ ଚଢ଼ାଉ, ୨୫ ସିଲିଣ୍ଡର ଜବତ
- ପାଞ୍ଚ ବର୍ଷ ହେଲା ରୋଗୀ ସେବା ପାଇଁ ଜମା ପାଣ୍ଠିରୁ ଟଙ୍କାଟିଏ ଖର୍ଚ୍ଚ ହୋଇନାହିଁ, ମାସକୁ ଘର ଭଡ଼ା ୨୦୦ ଟଙ୍କା
- ଚାନ୍ଦିପୁର ପ୍ରୁଫ୍ ଏଣ୍ଡ ଏକ୍ସପେରିମେଣ୍ଟାଲ କେନ୍ଦ୍ରର ୧୧୧ତମ ପ୍ରତିଷ୍ଠା ଦିବସ ପାଳିତ
- ଆମରଣ ଅନଶନ ଲାଗି ଭଦ୍ରକ ବିଧାୟକଙ୍କ ଚେତାବନୀ
- ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ସ୍ମାରକୀ ବକ୍ତୃତା ୧୬ରେ
- ଗୁଣିଆ ସନ୍ଦେହରେ ଦୁଇଜଣଙ୍କୁ ଅପହରଣ ଓ ମରଣାନ୍ତକ ଆକ୍ରମଣ, ଜଣେ ନିଖୋଜ, ମୁମୂର୍ଷୁ ଅବସ୍ଥାରେ ଜଣେ ଥାନାରେ
- ପୁରୀ ଜିଲ୍ଲା ପ୍ରଶାସନ ଶୋଇଛି: ହଜାର ହଜାର କ୍ୱିଣ୍ଟାଲ ସରକାରୀ ଚାଉଳ ଖତ ଖାଉଛି
- ମାହାଙ୍ଗା: ସାମ୍ବାଦିକଙ୍କୁ ହତ୍ୟା ଧମକ
- ବାଲିଅନ୍ତା-ବାଲିପାଟଣା ବ୍ଲକ ଏବଂ ଥାନାଞ୍ଚଳର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ଦାବି
- ନିର୍ବାହୀ ଅଧିକାରୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ
- ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାମ ବାହାର ଶ୍ରମିକଙ୍କ ଦ୍ୱାରା ହେଉଛି
- ସଚେତନତା ଅଭାବରୁ ଜରାୟୁ ଗ୍ରୀବା କର୍କଟ ରୋଗରେ ମହିଳାମାନେ ମୃତ୍ୟୁବରଣ କରୁଛନ୍ତି
- ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦଘାଟିତ


Copyright © 2001 orissasambad.com

Site Developed by : www.wayindia.com